## ଦାଦନ ଶ୍ରମିକଙ୍କ ପତ୍ତା ମିଳୁନି, ମାମଲା ରୁଜୁ

ପାତ୍ରପୁର,(ଡି.ଏନ.ଏ.)- ଜରଡ଼ା ଥାନା ଗୁଣ୍ଡୁରା ଗ୍ରାମର ଏନ୍. ଧରମା (୪୦) ଚେନ୍ନାଇର ଏକ କମ୍ପାନୀରେ କାମ କରୁଥିଲେ। ଗତ ସପ୍ତାହରେ ଗ୍ରାମକୁ ଆସୁଥିବା ନେଇ ଫୋନ୍‌ରେ ସ୍ତ୍ରୀ ସନ୍ତୋଷୀଙ୍କୁ କହିଥିବା ବେଳେ ଏବେ ଆଉ ତାଙ୍କ ପତ୍ତା ମିଳୁ ନ ଥିବା ପରିବାର ପାଇଁ ଚିନ୍ତା ବଢ଼ାଇଛି। ଆଜି ସୁଦ୍ଧା ଧରମା ଘରେ ପହଞ୍ଚି ନ ଥିବା ଏନ୍ ସନ୍ତୋଷୀ ଥାନାରେ ଅଭିଯୋଗ ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଧର୍ମାଙ୍କ ସହ ରହୁଥିବା ସାଙ୍ଗମାନଙ୍କୁ ଫୋନ କରି ପଚାରି ବୁଝିବା ସହ ତଦନ୍ତ ଚଳାଇଛି।

# ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସୁବର୍ଣ୍ଣ ଜୟନ୍ତୀ

ବ୍ରହ୍ମପୁର ଅଫିସ,୨୯।୧୨

## ଭର୍ଚୁଆଲ୍‌ରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱାରା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ କୋଭିଡ୍ ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଉଛି ।

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୦ତମ ବାର୍ଷିକ ସମ୍ମିଳନୀ ଅବସରରେ ବ୍ରହ୍ମପୁର ସ୍ଥିତ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଗଞ୍ଜାମ ଓକିଲ ସଂଘ ସହଯୋଗରେ ଆୟୋଜିତ ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍‌ରେ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଜନସାଧାରଣ କିପରି ଠିକ୍ ସମୟରେ ନ୍ୟାୟ ପାଇବେ ସେ ଦିଗରେ ଗୁରୁତ୍ୱ ଦେବାକୁ ଆଇନଜୀବୀଙ୍କୁ ଆହ୍ୱାନ ଦେଇଥିଲେ। ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୁବର୍ଣ୍ଣ ଜୟନ୍ତୀ ଅବସରରେ ସଂଘ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ରାଜ୍ୟ ସଂଘ ସଭାପତି ଜ୍ଞାନରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ସରକାରୀ ଯୋଜନା ଓ ବ୍ୟବସ୍ଥାରେ ହେଉଥିବା ତ୍ରୁଟି ବିଚ୍ୟୁତିକୁ ମଧ ସାମ୍ନାକୁ ଆସି ତା'ର ସମାଧାନ ଦିଗରେ ଉଦ୍ୟମ କରିବାକୁ ବାଚସ୍ପତି କହିଥିଲେ। ସମ୍ମାନିତ ଅତିଥି ଭାବେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ରାଜ୍ୟସଭା ଏମ୍‌ପି ସୁଜିତ କୁମାର, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଅଭ୍ୟର୍ଥନା କମିଟି ସମ୍ପାଦକ ସଞ୍ଜିତ କୁମାର ପାଣିଗ୍ରାହୀ, ଗଞ୍ଜାମ ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧି, ସମ୍ପାଦକ ପ୍ରଦୀପ ବେହେରା, ଉପସଭାପତି ବି. ଭାଗୀରଥି ରାଓ, ଯୁଗ୍ମସମ୍ପାଦକ ସୁଧୀର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ଭର୍ଚୁଆଲ୍‌ରେ ଯୋଗଦେଇ ଉପସ୍ଥିତ ଆଇନଜୀବୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହା ସହିତ ଓଡ଼ିଶାରେ ଏକ ଆଇନଜୀବୀ ଏକାଡେମୀ ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଆଜିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସ୍ୱର୍ଗତ ବସନ୍ତ ପାଣିଗ୍ରାହୀଙ୍କ ନାମରେ ନାମିତ କରାଯାଇଛି। ଏଣୁ ଜଷ୍ଟିସ୍ ମିଶ୍ର ସ୍ୱର୍ଗତ ପାଣିଗ୍ରାହୀଙ୍କ ଜୀବନୀ ଓ ତାଙ୍କର କୃତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟପଟେ ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଯେଉଁ ଦାବି ହେଉଛି ତାକୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ସମର୍ଥନ ଜଣାଉଛି ବୋଲି ସଭାପତି ମହାନ୍ତି ଘୋଷଣା କରିଥିଲେ। ଏହା ସହିତ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୫କୋଟିରୁ ୧୦କୋଟିକୁ ବୃଦ୍ଧି କରିବା ସହିତ ମୃତ ଆଇନଜୀବୀଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦେବା ଦିଗରେ ସରକାର ପଦକ୍ଷେପ ନେବାକୁ ସଭାପତି ମହାନ୍ତି ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଓକିଲ ସଂଘର ପ୍ରତିନିଧି ଯୋଗ ଦେଇଥିଲେ। ଗୁରୁବାର ଏହା ଉଦ୍‌ଯାପିତ ହେବ।

## ସଂକ୍ଷେପରେ

### ବିଜେଡିର ୨୦ନଂ. ଜୋନସ୍ତରୀୟ ବୈଠକ

ଛତ୍ରପୁର,୨୯।୧୨(ଡି.ଏନ.ଏ.):ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ଗ୍ରାମ ନିକଟ ଜାତୀୟ ରାଜପଥ ଛକଠାରେ ବିଜେଡ଼ିର ୨୦ନଂ. ଜୋନର ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସଙ୍କ ନେତୃତ୍ୱରେ ଜୋନସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗସ୍ତିନୂଆଗାଁ, ପୋଡାପଦର, କଣମଣା, କାଳିପଲ୍ଲି, ଚିକଲଖଣ୍ଡି ଓ ଆର୍ଯ୍ୟପଲ୍ଲି ପଞ୍ଚାୟତର ବହୁ ପୁରୁଖା ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ୨୦ନଂ. ଜୋନର ଜିଲାପରିଷଦ ସଭ୍ୟ, ସରପଞ୍ଚ ଓ ସମିତିସଭ୍ୟ ଯେଭଳି ବିପୁଳ ସଂଖ୍ୟାରେ ବିଜୟୀ ହେବେ ସେ ନେଇ ସଙ୍କଳ୍ପବଦ୍ଧ ହୋଇଥିଲେ। ବୈଠକରେ ଆର୍ଯ୍ୟପଲ୍ଲି ଗ୍ରାମର ଏମ.ଲକ୍ଷ୍ମୀ ଅଗସ୍ତିନୂଆଗାଁ ପଞ୍ଚାୟତର କାଜଲ ଦାସ, ବିଜୟ ନାହାକ, ସୁଧିର ନାହାକ, ଏମ.ଗୁମାଲି, ରାଜୁ ଛଟେଇ, ଏମ.ସିମାଦ୍ରୀ, ଏନ.ରାଜା ରାଓ, ବି.ସିମାଞ୍ଚଳ, କାହ୍ନୁ ଚରଣ ବେହେରା, ବଳରାମ ବେହେରା, ଟିଟୁ ବେହେରା ଓ ଭିମାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଦ୍ୱାରା କୃତୀ ଛାତ୍ର ସମ୍ମାନିତ

କାଶୀନଗର, ୨୯।୧୨: ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା କାଶୀନଗର ଜୁନିୟର କଲେଜର ଯୁକ୍ତ ୨ ବିଜ୍ଞାନ ଛାତ୍ର ନିମାଲା ଅବିନାଶଙ୍କୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ମାନିତ କରିଛନ୍ତି। ନିମାଲା ଅବିନାଶ ୨୦୨୦-୨୧ ବାର୍ଷିକ ସିଏଚ୍ଏସ୍ଇ ପରୀକ୍ଷାରେ ଗଜପତି ଜିଲା ଟପ୍ପର ହୋଇଥିବା ଯୋଗୁ ତାଙ୍କୁ ସାର୍ଟିଫିକେଟ ସହ ଟ୍ୟାବଲେଟ ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ପି ଏଡିଏମ୍‌ଙ୍କ ସହ ଜିଲା ଶିକ୍ଷାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜୁନିୟର କଲେଜ ଅଧକ୍ଷ ନବକୃଷ୍ଣ ସାହୁକାର ଓ କଲେଜ ଅଧାପକ, କର୍ମଚାରୀ ପ୍ରମୁଖ ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବିପୁଳ ଚୋରା ମଦ ଜବତ, ୨ ଗିରଫ

କବିସୂର୍ଯ୍ୟନଗର,୨୯।୧୨(ଡି.ଏନ.ଏ.): କବିସୂର୍ଯ୍ୟନଗର ଅବକାରୀ ବିଭାଗ ପକ୍ଷରୁ ବୁଧବାର ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡା ଓ ଡୁଙ୍କାପଡାରେ ବିପୁଳ ପରିମାଣର ଚୋରା ଦେଶୀ, ବିଦେଶୀ ମଦ ଜବତ ହୋଇଛି। ନକଲି ମଦ ବିକ୍ରି ଅଭିଯୋଗରେ ଲାବଣ୍ୟ ବେହେରା ଓ ଟୁନା ସ୍ୱାଇଁଙ୍କୁ କୋର୍ଟ ଚାଲାଣ କରାଯାଇଛି। ନକଲି ବିଦେଶୀ ମଦ ୬.୪୮୦ ଲିଟର, ବିୟର ୧୫.୬୦୦ ଲିଟର ଓ ବାହାର ଦେଶୀ ମହୁଲି ୫୫ ଲିଟର । ଅବକାରୀ ଓଆଇସି ବ୍ୟତୀତ ଏଏସଆଇ ସତ୍ୟପ୍ରିୟ ପ୍ରଧାନ, ମହେଶ୍ୱର ପ୍ରଧାନ, ଅଜିତ କୁମାର ସ୍ୱାଇଁ, ମନୋଜ କୁମାର ଲେଙ୍କା, ବୈକୁଣ୍ଠ ସାହୁ ଏବଂ ପୋଲସରା ଥାନା ଷ୍ଟାଫ ଚଢ଼ାଉରେ ସାମିଲ ଥିଲେ।

### ବାର୍‌ହା ଫାଶରେ ମହିଳା ମୃତ ଘଟଣା, ୩ ଗିରଫ

ବୁଗୁଡ଼ା,୨୯।୧୨(ଡି.ଏନ.ଏ.):ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଗୌଡିଆ ବରୋଦା ପଞ୍ଚାୟତର ଗାନ୍ଧୀ ଗ୍ରାମରେ ଗତ ରବିବାର ବାର୍‌ହା ଶିକାର ଲାଗି ବିଛାଯାଇଥିବା ବିଦ୍ୟୁତ୍ ତାର ଫାଶରେ ଚାଷୀ ରଜନୀ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବୁଧବାର ପୋଲିସ ଗୌଡିଆବୋରଦା ଗ୍ରାମର ରବୀନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ନାୟକ ଓ ଧୋବା ନାୟକଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୬୮/୨୧ରେ ଏକ ମାମଲା ରୁଜୁ ହୋଇଛି। ଏଥିସହିତ ପୋଲିସ ଘଟଣାସ୍ଥଳରୁ ୫୦୦ ମିଟର ତାର ଜବତ କରିଛି। ଶିକାରୀ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତା'ର ବିଛାଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

### ଚୋରି ଘଟଣାରେ ୨ ଗିରଫ

ପୋଲସରା,୨୯।୧୨(ଡି.ଏନ.ଏ.)-ପୋଲସରା ପୋଲିସ ମଥୁରା ଷ୍ଟେଟ ବ୍ୟାଙ୍କ ଲୁଟ ଉଦ୍ୟମ ଓ ଅନ୍ୟାନ୍ୟ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଧରାକୋଟ ଥାନାଞ୍ଚଳ ମୁଣ୍ଡମରେଇ ଗ୍ରାମର ମୁନା ପାତ୍ର, ରମ୍ଭା ଥାନାଞ୍ଚଳ ନାଉପୁରିର ମିଥୁନ ପାତ୍ର। କଳମ୍ବ ଗ୍ରାମର ଦିବ୍ୟାଙ୍ଗ ମହିଳା ମମତା କୁମାରୀ ପ୍ରଧାନ ଛୋଟ ଦୋକାନ କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ। ସେହି ଦୋକାନ ଉପରେ କିଛି ଲୁଟେରା ଲୁଟ ଲାଗି ଯୋଜନା କରି ନଭେମ୍ବର ୧୨ରେ ଦୋକାନ ଭାଙ୍ଗି ନଗଦ ୫୦ ହଜାର ଟଙ୍କା ସହ କିଛି ଦୋକାନ ସାମଗ୍ରୀ ଚୋରି କରିଥିଲେ। ଏ ନେଇ ନଂ. ୪୦୬/୨୧ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଏ ନେଇ ତଦନ୍ତ ଚଳାଇଥିବା ବେଳେ ପୁଣି ଗତ ୧୫ରେ ମଥୁରାସ୍ଥିତ ଷ୍ଟେଟ ବ୍ୟାଙ୍କ ତାଲା ଭାଙ୍ଗି ଲୁଟ ଉଦ୍ୟମ କରିଥିଲେ। ପୁଣି ସେହି ରାତି ହିଁ ନିକଟସ୍ଥ ଆରଆଇ କାର୍ଯ୍ୟାଳୟ ତାଲା ଭାଙ୍ଗିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ଓ ତହସିଲଦାର ପୃଥକ ଏତଲା କ୍ରମେ ପୋଲିସ ନଂ. ୪୪୧, ୪୪୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିସି ଟିଭି ଫୁଟେଜକୁ ଆଧାର କରି ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ପୋଲସରା ଥାନା ସିଦ୍ଧିପୁର କେନାଲ ହିଡ଼ ନିକଟରୁ ଗିରଫ କରିଥିଲା। ସେମାନଙ୍କଠାରୁ ୧୦ ହଜାର ଟଙ୍କା ଏବଂ ଚୋରି ସାମଗ୍ରୀ ଓ ଏକ ଲୁହାରଡ଼ ଜବତ କରିଥିଲା।

## ବନ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୯।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ବ୍ରହ୍ମପୁର-ଭୁବନେଶ୍ୱର ମଣ୍ଡଳସ୍ତରୀୟ ୨୬ ତମ ବନ କ୍ରୀଡ଼ା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ମଣ୍ଡଳ ମୁଖ୍ୟ ବନସଂରକ୍ଷକ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ଡ଼ିଏଫଓ ସଂଗ୍ରାମ କେଶରୀ ବେହେରା, ଘୁମୁସର ଦକ୍ଷିଣ ବନଖଣ୍ଡ ଡ଼ିଏଫଓ ଦିଲ୍ଲୀପ କୁମାର ରାଉତ, ଡ଼ିଏଫଓ ଅଭୟ କୁମାର ଦଳାଇ ଘୁମୁସର ଉତ୍ତର ବନଖଣ୍ଡ ଉପସ୍ଥିତ ଥିଲେ। ଦୁଇ ଦିନରେ ୨୭ ପ୍ରକାର କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ବିଭାଗରେ ଭୁବନେଶ୍ୱର ସର୍କଲ ରେଞ୍ଜ ଅଫିସର ସୁଶ୍ରୀ ଭାଗ୍ୟଲକ୍ଷ୍ମୀ ବାରିକ ଓ ପୁରୁଷ ବିଭାଗରେ ନୟାଗଡ଼ ଫରେଷ୍ଟ ଗାର୍ଡ଼ ଶ୍ରୀକାନ୍ତ ନାୟକ ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଡ଼ିଏଫଓ ଅମ୍ଳାନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋଷ୍ଠୀ ସଂଘର୍ଷରେ ୪ ଆହତ

ଆସିକା,୨୯।୧୨(ଡି.ଏନ.ଏ.)

ଧରାକୋଟ ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମରେ ବୁଧବାର ଅପରାହ୍ନରେ ସାମାନ୍ୟ ବଚସାରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷର ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗୋଟିଏ ପକ୍ଷର ଶିବରାମ ସ୍ୱାଇଁ ଓ କେଶବ ବେହେରା ଏବଂ ଅନ୍ୟପକ୍ଷର ଶ୍ରୀତମ ଦାସ ଓ ମୁକେସ ଦାସ । ଆହତମାନଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି । ଗାଙ୍ଗପୁର ଥାନାଧିକାରୀ ଦେବ କୁମାର ଗମାଙ୍ଗ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଗୋଷ୍ଠୀ ସଂଘର୍ଷର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।

# କାଠ ପୋଲ ନିର୍ମାଣ କଲେ ଗ୍ରାମବାସୀ



କାଠ ପୋଲ।

ଆର.ଉଦୟଗିରି,୨୯।୧୨(ଡି.ଏନ.ଏ.)

ସ୍ୱାଧୀନତାର ସାତଦଶନ୍ଧି ପରେ ମଧ ଆଜିବି ଅନେକ ଗାଁ ଅଛି ଯେଉଁଠି ବିକାଶ ସାତ ସପନ। ଏହିଭଳି ଏକ ଅପହଞ୍ଚରେ ବସବାସ କରୁଥିବା ଗ୍ରାମବାସୀ ହେଉଛନ୍ତି ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ପୁରୁଣାପାଣି ପଞ୍ଚାୟତର ବାଦପୂର୍ ଓ କୋଦାଳବାଡ଼ ଗ୍ରାମ। ନଦୀ ଉପରେ ଏକ ବ୍ରିଜ ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ କେହି ନଶୁଣିବାରୁ ୨ ଗ୍ରାମବାସୀ ଏକାଠି ହୋଇ କାଠ ପୋଲ ନିର୍ମାଣ କରିଛନ୍ତି। ଏହି ଦୁଇ ଗ୍ରାମର ଚତୁଃପାର୍ଶ୍ୱରେ ଜଙ୍ଗଲ ଘେରି ରହିଥିବା ବେଳେ ସେମାନଙ୍କ ପାଇଁ ବାଧକ ସାଜିଛି ଘୋଡାହାଡ ନଦୀ। ଗମନାଗମନର ମାଧମ ଗ୍ରାମବାସୀଙ୍କୁ ଯିବା ଆସିବା ପାଇଁ ଏହି ନଦୀ ପାରି ହେବାକୁ ପଡ଼ିଥାଏ। ତେବେ ନାଳ ଉପରେ କୌଣସି ବ୍ରିଜ ନ ଥିବାରୁ ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ସବୁବେଳେ ଯିବା ଆସିବା କରିଥାନ୍ତି। ସେହିପରି ବର୍ଷା ଦିନରେ ଏହି ଗ୍ରାମ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ ଓ କୁମ୍ଭୀରର ମଧ ଭୟ ରହିଥାଏ। ଫଳରେ ଶିକ୍ଷା ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଗୁରୁତର କାର୍ଯ୍ୟ ପାଇଁ ଏମାନେ ଗାଁରୁ ଆସି ପାରିନଥାନ୍ତି। ଗ୍ରାମବାସୀ ବାରମ୍ବାର ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ଦାବି କରି ଆସୁଥିଲେ ସୁଦ୍ଧା ନେତା କିମ୍ବା ପ୍ରଶାସନ ଏଯାଏ ତାଙ୍କ ଦାବିକୁ କର୍ଣ୍ଣପାତ କରିନଥିବା ଅଭିଯୋଗ କରିଛନ୍ତି। ଫଳରେ ଅନ୍ୟ ଉପାୟ ନପାଇ ଗ୍ରାମବାସୀ ନିଜ ଉଦ୍ୟମରେ ଏକ କାଠ ପୋଲ ନିର୍ମାଣ କରିଛନ୍ତି।

# ୨୨ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଚିଠା ସଂରକ୍ଷଣ ତାଲିକା ପ୍ରକାଶ

ଛତ୍ରପୁର,୨୯।୧୨(ଡି.ଏନ.ଏ.)

**ଗଞ୍ଜାମ ଜିଲା**

ଗଞ୍ଜାମ ଜିଲାର ୨୨ ବ୍ଲକ ଅଧ୍ୟକ୍ଷ ଏବଂ ଅଧ୍ୟକ୍ଷା ପଦ ପାଇଁ ବୁଧବାର ନୂଆ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ୧୪ଟି ବ୍ଲକରେ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଥିବା ବେଳେ ୭ଟି ବ୍ଲକ ପାଇଁ ଅନୁସୂଚିତ ଜାତି ଏବଂ ଗୋଟିଏ ବ୍ଲକ ପାଇଁ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ସେଥିମଧ୍ୟରୁ ୬ଟି ବ୍ଲକରେ ମହିଳାଙ୍କ ପାଇଁ ଅଣସଂରକ୍ଷିତ ରହିଥିବା ୪ଟି ବ୍ଲକ ଅନୁସୂଚିତ ଜାତି ମହିଳା ଏବଂ ଗୋଟିଏ ବ୍ଲକ ଅନୁସୂଚିଜ ଜନଜାତି ମହିଳା ପାଇଁ ସଂରକ୍ଷଣ ରହିଛି। ଆସିକା ବ୍ଲକ ପାଇଁ ମହିଳା, କବିସୂର୍ଯ୍ୟନଗର ପାଇଁ ମହିଳା, କୁକୁଡାଖଣ୍ଡି ପାଇଁ ମହିଳା, ଖଲ୍ଲିକୋଟ ବ୍ଲକ ପାଇଁ ଅନୁସୂଚିତ ଜାତି, ଗଞ୍ଜାମ ବ୍ଲକ ପାଇଁ ମହିଳା, ଚିକିଟି ଅନୁସୂଚିତ ଜାତି, ଛତ୍ରପୁର ବ୍ଲକ ପାଇଁ ଅନୁସୂଚିତ ଜାତି ମହିଳା, ଜଗନ୍ନାଥପ୍ରସାଦ ବ୍ଲକ ପାଇଁ ମହିଳା, ଦିଗପହଣ୍ଡି ବ୍ଲକ ପାଇଁ ଅନୁସୂଚିତ ଜାତି ମହିଳା, ଧରାକୋଟ ବ୍ଲକ ପାଇଁ ଅଣସଂରକ୍ଷିତ, ପାତ୍ରପୁର ବ୍ଲକ ଅଣସଂରକ୍ଷିତ, ପୁରୁଷୋତ୍ତମପୁର ବ୍ଲକ ପାଇଁ ଅନୁସୂଚିତ ଜାତି ମହିଳା, ପୋଲସରା ବ୍ଲକ ଅଣସଂରକ୍ଷିତ, ବୁଗୁଡା ବ୍ଲକ ଅଣସଂରକ୍ଷିତ, ବେଗୁନିଆପଡା ବ୍ଲକ ପାଇଁ ଅଣସଂରକ୍ଷିତ, ବେଲଗୁଣ୍ଠା ବ୍ଲକ ପାଇଁ ଅଣସଂରକ୍ଷିତ, ଭଞ୍ଜନଗର ବ୍ଲକ ପାଇଁ ଅନୁସୂଚିତ ଜାତି, ରଙ୍ଗେଇଲୁଣ୍ଡା ବ୍ଲକ ପାଇଁ ମହିଳା, ଶେରଗଡ ବ୍ଲକ ଅଣସଂରକ୍ଷିତ, ସାନଖେମୁଣ୍ଡି ବ୍ଲକ ଅଣସଂରକ୍ଷିତ, ସୋରଡା ବ୍ଲକ ଅନୁସୂଚିତ ଜନଜାତି ମହିଳା, ହିଞ୍ଜିଳି ବ୍ଲକ ଅନୁସୂଚିତ ଜାତି ମହିଳା ପାଇଁ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି ।

# ୧୯ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି, ୨୯।୧୨(ଡି.ଏନ୍.ଏ.)

ଗଜପତି ଜିଲା ଅବକାରୀ ଅଧିକ୍ଷକ ସୁବ୍ରତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବୁଧବାର ଭୋରରେ ରାୟଗଡ ବ୍ଲକ ଅନ୍ତର୍ଗତ ମାର୍ଲବା ଘାଟି ଠାରେ ପାରଳାଖେମୁଣ୍ଡି ଅବକାରୀ ବିଭାଗ ଚଢାଉ କରି ଗଞ୍ଜେଇ ଭର୍ତ୍ତି ମିନିଟ୍ରକ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ସେ ହେଲେ ଆଲୋକ ରଞ୍ଜନ ସ୍ୱାଇଁ।

ଗଜପତି ଜିଲାର ଚାନ୍ଦିପୁଟ ଅଞ୍ଚଳରୁ ମିନିଟ୍ରକ(ନଂ. ଏମଏଚ୦୮ବିଜି ୯୪୫୭) ରେ ଆନ୍ଧ୍ରର ପଲାସା ଦେଇ ମହାରାଷ୍ଟ୍ରକୁ ଗଞ୍ଜେଇ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ଖବର ପାଇ ପାରଳାଖେମୁଣ୍ଡି ଅବକାରୀ ବିଭାଗ ମାର୍ଲବା ଘାଟି ଠାରେ ଉକ୍ତ ମିନି ଟ୍ରକକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ଜବତ ହୋଇଥିବା ଗଞ୍ଜେଇର ପରିମାଣ ୧୯୦୦କେଜି ବୋଲି ଅବକାରୀ ଅଧିକ୍ଷକ ସେଠୀ ସୂଚନା ଦେଇଛନ୍ତି।

## ୧୧୮.୮୮ ଏକର ଗଞ୍ଜେଇ ଗଛ ନଷ୍ଟ

ଆର.ଉଦୟଗିରି,୨୯।୧୨(ଡି.ଏନ.ଏ.)

ଆର. ଉଦୟଗିରି ଥାନା ନୂଆଗଡ ବ୍ଲକର ଅନୁଗୁରୁ ପଞ୍ଚାୟତର ଲାଙ୍ଗିଂ ମୌଜା ଅଞ୍ଚଳର ଜଙ୍ଗଲରୁ ଅବକାରୀ, ପୋଲିସ, ବନ ବିଭାଗ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ସଂରକ୍ଷିତ ଜଙ୍ଗଲ ଉପରେ ବେଆଇନ ଭାବେ ଚାଷ ହୋଇଥିବା ୧୧୮.୮୮ ଏକର ଜମିରେ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡା, ଏସ୍‌ପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ କର୍ମଚାରୀ ମଙ୍ଗଳବାର ସକାଳ ୧୨ଟାରୁ ୨ଟା ଯାଏ ଗଞ୍ଜେଇ ଗଛକୁ ନଷ୍ଟ କରିଥିଲେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଆର.ଉଦୟଗିରି ତହସିଲଦାର ନାରାୟଣ ବେହେରା ଓ ଆରଆଇ ତପନ କୁମାର ସାହୁ ଉପସ୍ଥିତ ଥିଲେ। ଏ ନେଇ ଆର.ଉଦୟଗିରି ଥାନାରେ ନଂ. ୧୭୨/୨୧ରେ ମାମଲା ରୁଜୁ ହୋଇଛି।

## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଆସିକା,୨୯।୧୨(ଡି.ଏନ.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମ ପୋଖରୀରେ ବୁଡିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ନକୁଳ ପ୍ରଧାନ (୮୫) । ନକୁଳ ପୋଖରୀକୁ ସ୍ନାନଶୌଚ ଲାଗି ଯାଇ ଆଉ ଫେରି ନ ଥିଲେ । ଆସିକା ଅଗ୍ନିଶମ ଦଳ ପୋଖରୀରୁ ତାଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ବରିଷ୍ଠ ନାଗରିକ ମଞ୍ଚର ଧାରଣା

ବ୍ରହ୍ମପୁର ଅଫିସ,୨୯।୧୨




ଷ୍ଟେଶନ ବାହାରେ ସଂଘର ଧାରଣା।

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ବ୍ରହ୍ମପୁର ରେଳ ଷ୍ଟେଶନ ପରିସରରେ ଧାରଣା ସହ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକଙ୍କୁ ପୂର୍ବଭଳି ୪୦% ରୁ ୫୦% ଟିକେଟ ରିହାତି, ଷ୍ଟେଶନ ପରିସରରେ ଔଷଧ ବିକ୍ରି କେନ୍ଦ୍ର, ଦୂର ଦୂରାନ୍ତର ଯାତ୍ରୀଙ୍କ ନିମନ୍ତେ ଡାକ୍ତର ବ୍ୟବସ୍ଥା, ଷ୍ଟେଶନ ବାହାରେ ଶୌଚାଳୟ ଓ ପାନୀୟ ଜଳ, ଭୁବନେଶ୍ୱର-ବିଶାଖାପାଟଣା ଟ୍ରେନରେ ୨ଟି ଶୀତକାଳୀନ ଚେୟାର ବଗି ପାଇଁ ସଂଘ ଦାବି କରିଛି। ଉକ୍ତ ଦାବି ସମୂହକୁ ନେଇ ବ୍ରହ୍ମପୁର ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଧାରଣାରେ ସଂଘ ସଭାପତି ତ୍ରିନାଥ ମହାରଣା, ଉପସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ହିମାଂଶୁ ଶେଖର ପଟ୍ଟନାୟକ, ସଂଯୋଜକ ଶିବ ପ୍ରସନ୍ନ ମିଶ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଆସିକା ଚିନିକଳର ଆଧୁନିକୀକରଣ ହେବ

ଛତ୍ରପୁର,୨୯।୧୨(ଡି.ଏନ.ଏ)

ଆସିକା ଠାରେ ଥିବା ଚିନି ଶିଳ୍ପର ଆଧୁନିକୀକରଣ କରିବା ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଚାଳନା ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଛତ୍ରପୁରଠାରେ ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଜିଲାପାଳ କୁଲାଙ୍ଗେ ଆସିକା ଚିନିଶିଳ୍ପର ବିଭିନ୍ନ ସ୍ଥିତି ସମୀକ୍ଷା କରିଥିଲେ। ପରେ ଏହାର ଉନ୍ନତି ପାଇଁ ଆବଶ୍ୟକ ମତାମତ ନେବା ପାଇଁ ସୁଦକ୍ଷ ବ୍ୟକ୍ତି ବିଶେଷଙ୍କଠୁ ପରାମର୍ଶ ନେବାକୁ କହିଥିଲେ। ୬କୋଟି ୪୪ ଲକ୍ଷ ବିନମୟରେ କାର୍ଯକାରୀ ହୋଇଥିବା ଡିଷ୍ଟିଲାରୀ ପ୍ଲାଣ୍ଟର କାର୍ଯକ୍ଷମ ଯେପରି ଆଗାମୀ ଦୁଇମାସ ମଧ୍ୟରେ ଶେଷ ହେବ। ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସିକା ବଟଲିଂ ପ୍ଲାଣ୍ଟିକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରିବା ସକାଶେ ପଦକ୍ଷେପ ଗ୍ରହଣ କରାଯିବ । ଆଖୁ ପ୍ରୋସେସିଂ ପ୍ଲାଣ୍ଟ ୟୁନିଟ ଆଗାମୀ ଜାନୁୟାରୀ ୧୦ ସୁଦ୍ଧା କାର୍ଯ୍ୟକ୍ଷମ କରିବା ଲାଗି ଜିଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଜିଲାପାଳଙ୍କ ଗସ୍ତ ସମୟରେ ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ନାୟକ, ସମବାୟ ସେମିତିର ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ, ଚିନି କଳର ସମ୍ପାଦକ ଚନ୍ଦ୍ରଶେଖର ରେଡ୍ଡୀ, କାରଖାନାର ଅନ୍ୟାନ୍ୟ କର୍ତ୍ତୃପକ୍ଷ ଏବଂ ବୈଶାୟିକ କର୍ମଚାରୀଗଣ ଉପସ୍ଥିତ ଥିଲେ।

# ଫସଲ କ୍ଷତିପୂରଣ ଦାବିରେ ଚାଷୀ ଆନ୍ଦୋଳନ

ପାରଳାଖେମୁଣ୍ଡି,୨୯।୧୨(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ଅନ୍ତର୍ଗତ ରାଜ ସୀତାପୁର ଗ୍ରାମରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଫସଲର କ୍ଷତିପୂରଣ ଦାବିରେ ଚାଷୀମାନେ ମଙ୍ଗଳବାର ପାରଳାଖେମୁଣ୍ଡି-ବ୍ରହ୍ମପୁର ରାସ୍ତା ଅବରୋଧ କରିଛନ୍ତି।

ଦୀର୍ଘ ସମୟ ହେଲା ରାସ୍ତା ଉପରେ ଆନ୍ଦୋଳନ କରିବାରୁ ବହୁ ଗାଡ଼ି ଅଟକି ରହିଥିଲା। ଅଦିନିଆ ବର୍ଷାରେ ଗଜପତି ଜିଲାରେ ଧାନ ଫସଲ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଛି। ଏବେ ଫସଲ ଅମଳ ପରେ ମଣ୍ଡି କିମ୍ବା ମିଲର ଧାନର ମାନ ହ୍ରାସ ପାଇବା ଯୋଗୁ ଧାନ ଗ୍ରହଣ କରୁନାହାନ୍ତି। ଫସଲ କ୍ଷତିଗ୍ରସ୍ତ ନେଇ ଜିଲାର ସମସ୍ତ ବ୍ଲକର ଚାଷୀ ପ୍ରଶାସନକୁ ଅବଗତ କରାଇଛନ୍ତି କିନ୍ତୁ ଆଜି ଯାଏ କୌଣସି ସରକାରୀ ଅଧିକାରୀ ଚାଷୀଙ୍କ କ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ଚାଷୀଙ୍କ ନିକଟରେ ପହଞ୍ଚି ନାହାନ୍ତି। ଏହାର ପ୍ରତିବାଦରେ ଗୋଷାଣୀ ବ୍ଲକ ରାଜ ସୀତାପୁର ଗ୍ରାମର ଚାଷୀମାନେ ରାସ୍ତାରୋକୋ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଚେଷ୍ଟା କରୁଥିଲେ। ଆନ୍ଦୋଳନ ଆରମ୍ଭ କରିବା ଘଣ୍ଟାଏ ମଧ୍ୟରେ ରାସ୍ତା ଜାମ ହେବାରୁ ଆନ୍ଦୋଳନରତ ଚାଷୀଙ୍କୁ ଗୁରାଣ୍ଡି ପୋଲିସ ଜୋରଜବରଦସ୍ତ ଉଠାଇ ନେବା ସହ ଆନ୍ଦୋଳନକୁ ଭଣ୍ତୁର କରିବା ସହିତ ରାସ୍ତା ଅବରୋଧ ହଟାଇଛି, ଯାହାକୁ ନେଇ ଚାଷୀ ଉତ୍ତ୍ୟକ୍ତ ହୋଇଛନ୍ତି। ଆଗାମୀ ଦିନରେ ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ନୂଆ ଶିଷ୍ୟ ସୃଷ୍ଟି ହେଲେ ଲୋକକଳା ବଞ୍ଚିବ

ଭଞ୍ଜନଗର,୨୯।୧୨(ଡି.ଏନ.ଏ)

## ରାଜ୍ୟସ୍ତରୀୟ ଲୋକ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା



ରଣପା ନୃତ୍ୟ ପରିବେଷଣ।

ଭଞ୍ଜନଗର ଟାଉନ ହଲ୍ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ଲୋକ ସଙ୍ଗୀତ, ପାଲା, ଦାସକାଠିଆ ଉତ୍ସବ ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଗୁରୁବାର ତାହା ଉଦ୍‌ଯାପିତ ହେବ। ଲୋକକଳା ଧୀରେଧୀରେ ଲୋପ ପାଇବାକୁ ବସିଛି। ଲୋକ କଳାକୁ ବଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ବର୍ତ୍ତମାନ ଅଧିକାଂଶ ଲୋକ କଳା କଳାକାରଙ୍କ ବୟସ ୬୦ ଉପରେ। ତେଣୁ ପୁରୁଣା କଳାକାରମାନେ ହିଁ ସେମାନଙ୍କର ନୂଆ ନୂଆ ଶିଷ୍ୟ ସୃଷ୍ଟି କରିବାକୁ ପଡ଼ିବ। ଶିଷ୍ୟ ସୃଷ୍ଟି ହେଲେ ହିଁ ଯାଇ ଲୋକ କଳା ବଞ୍ଚିରହିବ। ବିଭିନ୍ନ ଅଧିବେଶନରେ ଆୟୋଜିତ ଉତ୍ସବରେ ଯୋଗଦେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଡିଏମ୍ ପ୍ରିୟ ରଞ୍ଜନ ପୃଷ୍ଟି ଯୋଗ ଦେଇଥିବା ବେଳେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଭଞ୍ଜନଗର ଏନ୍ଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଗଞ୍ଜାମ ଜିଲା ଲୋକ କଳା ସଂଘ ଉପ ସଭାପତି ସନ୍ତୋଷ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଉପ ସଭାପତି ମନ୍ମଥ କୁମାର ଶତପଥି ସଭାକୁ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ସଢ଼ଙ୍ଗୀପଲ୍ଲୀର ବାଳକୃଷ୍ଣ ମିଶ୍ର ଓ ସାଥି ଏବଂ ମହୁଲିର ଦେବେନ୍ଦ୍ର ନାଥ ଦାସ ଦାସକାଠିଆ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଭଟାରିକା ନିକଟସ୍ଥ ଉଗାଳପୁରର ଗଙ୍ଗାଧର ପୁହାଣ ଓ ସାଥି ଏବଂ ଜଗତସିଂହପୁରର ଲକ୍ଷ୍ମିପ୍ରିୟା ଦାସ ପାଲା ପରିବେଷଣ କରିଥିଲେ। ସନ୍ଧ୍ୟା ଅଧିବେଶନରେ ମହାନଳାର ସନ୍ତୋଷ ପାଢ଼ୀ, ନିମପଦର ସୁରେନ୍ଦ୍ର ସାହୁ, ନାଇକାଣିପଲ୍ଲୀର ବଳରାମ ଗୌଡ଼ ଛାନ୍ଦ, ଚମ୍ପୁ ଓ ଜଣାଣ ପରିବେଷଣ କରିଥିଲେ। ଦିଗପହଣ୍ଡିର ବିଚିତ୍ରା ବର୍ଣ୍ଣାଳୀ ନାଟ୍ୟ ସଂସଦର ଆଲୋକ ସାହୁ ଓ ସାଥି ତାଳବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ। କଳାହାଣ୍ଡିର ରାଜୀବ ମାଝୀ ଓ ସାଥି ଲୋକ ସଙ୍ଗୀତ ପରିବେଷଣ କରିଥିଲେ ।

